# ଗୋଷ୍ଠୀ ଜଙ୍ଗଲ ସମ୍ପଦ ଅଧିକାରର ଅନୁସନ୍ଧିତ୍ସୁ

Provisions of FRA

# ଜଙ୍ଗଲ ଅଧିକାର ଆଇନ ବିଶେଷାବଳୀ

ସଂରକ୍ଷଣ ଏବଂ ପରିଚାଳନା ଦୃଷ୍ଟିକୋଣରୁ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ
ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଉପରେ ଅଧିକାରର ସ୍ୱୀକୃତି) ଆଇନ, ୨୦୦୬

KALPAVRIKSH

कल्पवृक्ष

Environmental
Action Group

ପ୍ରାକୃତିକ ସମ୍ବଳ ଉପରେ ନିଷ୍ଠାପର ଭାବେ ଗବେଷଣା କରିଆସୁଥିବା ଜାତୀୟସ୍ତରର ଖ୍ୟାତିସମ୍ପନ୍ନ ସଙ୍ଗଠନ 'କଳ୍ପବୃକ୍ଷ' (KALPAVRIKSH) ତରଫରୁ ଅନେକ ଉପାଦେୟ ପୁସ୍ତିକା ଇଂରାଜୀରେ ରଚନା କରାଯାଇଛି । ସେ ଭିତରୁ କିଛି ପୁସ୍ତିକାକୁ ସେମାନେ 'ସମଦୃଷ୍ଟି ମୁକ୍ତ ବିଦ୍ୟାଳୟ' (Samadrusti Open School) ମାଧ୍ୟମରେ ଓଡ଼ିଶାର ଜନସାଧାରଣଙ୍କ ନିକଟରେ ଓଡ଼ିଆରେ ଉପଲବ୍ଧ କରିବା ପାଇଁ ଆମକୁ ଅନୁରୋଧ କରିଥିଲେ । ପୁସ୍ତିକାଗୁଡ଼ିକର ଉପାଦେୟତାକୁ ଉପଲବ୍ଧ କରିବା ପରେ ଆମେ ତାକୁ ଓଡ଼ିଆରେ ଅନୁବାଦ କରିବା ପାଇଁ ସମ୍ମତି ପ୍ରଦାନ କଲୁ । ଏହି କ୍ରମରେ ଏହି ପୁସ୍ତିକାଟିକୁ ଅନୁବାଦ କରାଯାଇଛି । ସମସାମୟିକ ସମସ୍ୟା ଏବଂ ସେଥିରେ ସୁଧାର ଆଣିବାପାଇଁ ହେଉଥିବା ନୀତି, ନିୟମ ଓ କାନୁନ୍‌ଗୁଡ଼ିକୁ ସାଧାରଣ ଲୋକଙ୍କ ନିକଟରେ ସେମାନଙ୍କ ଭାଷାରେ ପ୍ରକାଶ କରିବା ପାଇଁ 'କଳ୍ପବୃକ୍ଷ' (KALPAVRIKSH)ଯେଉଁ ପଦକ୍ଷେପ ନେଇଛନ୍ତି, ଆମେ ତାକୁ ସ୍ୱାଗତ କରୁଛୁ ଏବଂ ସେଥିପାଇଁ ସେମାନଙ୍କୁ ଧନ୍ୟବାଦ ମଧ୍ୟ ଦେଉଛୁ ।

ସୁରେଶ ତ୍ରିପାଠୀ

*ସମଦୃଷ୍ଟି ମୁକ୍ତ ବିଦ୍ୟାଳୟ*

# ଉପକ୍ରମ

ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ଜଙ୍ଗଲ ଉପରେ ଅଧିକାରର ସ୍ୱୀକୃତି ଆଇନ ୨୦୦୬କୁ ୨୦୦୮ ମସିହାରେ କାର୍ଯ୍ୟକାରୀ କରାଯାଇଥିଲା । ଜଙ୍ଗଲରେ ବସବାସ କରି ଆସୁଥିବା ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଉପରେ ଅଧିକାରକୁ ସ୍ୱୀକୃତି ପ୍ରଦାନ ପାଇଁ ଏହି ଆଇନରେ ପ୍ରୟାସ କରାଯାଇଛି ।

*ଜଙ୍ଗଲ ଅଧିକାର ଆଇନର ଧାରା ୩(୧)ରେ ନିମ୍ନଲିଖିତ ଅଧିକାର ପ୍ରଦାନ କରାଯାଇଛି:*

୦ ଜଙ୍ଗଲରେ ବାସ କରିବା ଏବଂ ଚାଷ କରିବାର ଅଧିକାର

୦ ଜମିଦାରୀ ପ୍ରଥା ସମୟରେ ନିସ୍ତାର ଜଙ୍ଗଲ କିମ୍ବା ସେହିଭଳି ନାମରେ ଲୋକଙ୍କୁ ମିଳିଥିବା ଗୋଷ୍ଠୀଭିତ୍ତିକ ଜଙ୍ଗଲ ଅଧିକାର

୦ ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ଓ ବିକ୍ରୟ ଅଧିକାର

୦ ପୋଖରୀ ଏବଂ ଚାରଣଭୂମି ଉପରେ ଅଧିକାର

୦ ଆଦିମ ଜନଜାତି ଓ ପ୍ରାକ୍ କୃଷିଜୀବୀମାନଙ୍କ ପ୍ରାକୃତିକ ବାସସ୍ଥଳୀ ଓ ବସତି ଉପରେ ଗୋଷ୍ଠୀଗତ ଅଧିକାର

୦ ଗୋଷ୍ଠୀର ଜଙ୍ଗଲ ସମ୍ପଦର ସୁରକ୍ଷା ଅଧିକାର ରହିଛି ।

ଜଙ୍ଗଲ ଅଧିକାର ଆଇନର ଧାରା ୩(୨) ଅନୁସାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଉଦ୍ଦେଶ୍ୟରେ ଜଙ୍ଗଲ ଜମିକୁ ବ୍ୟବହାର କରିବା ପାଇଁ ସରକାରଙ୍କୁ କ୍ଷମତା ପ୍ରଦାନ କରାଯାଇଛି ।

ଉପରୋକ୍ତ ଅଧିକାର ସବୁ ଜଣେ ବ୍ୟକ୍ତି ବା ଗୋଷ୍ଠୀ ଭାବରେ ଦାବୀ କରିପାରିବେ ।

ଜଙ୍ଗଲରେ ବସବାସ କରିଆସୁଥିବା ଆଦିବାସୀ ଅଞ୍ଚଳରେ ବନବାସୀଙ୍କର ପାରମ୍ପରିକ ଅଧିକାର ଓ ରାଷ୍ଟ୍ରର ବିକାଶ ନୀତି ଅନୁଯାୟୀ ଆର୍ଥିକ ଉନ୍ନତି ଏବଂ ପରିବେଶଗତ ଲକ୍ଷ୍ୟ ହାସଲ ମଧ୍ୟରେ ସନ୍ତୁଳନ ରକ୍ଷା କରାଯିବା ପାଇଁ ଏହି ଆଇନରେ ପ୍ରୟାସ କରାଯାଇଛି । ବିଗତ ୨ବର୍ଷ ମଧ୍ୟରେ ଏହି ଆଇନକୁ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଏହାର ନିର୍ଦ୍ଦିଷ୍ଟ କେତୋଟି ଧାରାକୁ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟକାରୀ କରାଯାଇଛି । ଏହାକୁ କାର୍ଯ୍ୟକାରୀ କରିବା ସମୟରେ ଜଙ୍ଗଲ ଜମି ଉପରେ (ବ୍ୟକ୍ତିଗତ) ଅଧିକାରକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ଉପରେ ଗୋଷ୍ଠୀର ଅଧିକାରକୁ ବ୍ୟାପକ ଅବହେଳା କରାଯାଇଛି । ସାମୂହିକ ସମ୍ପଦର ଗୋଷ୍ଠୀଗତ ଭାବେ ସଂରକ୍ଷଣ ଓ ପରିଚାଳନାକୁ ସହଯୋଗ କରିବା ପାଇଁ ଏହି ଆଇନରେ କେତୋଟି ପ୍ରସ୍ତାବ ରହିଛି । ପ୍ରସ୍ତାବ ଗୁଡ଼ିକ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ, ଯେ ବର୍ତ୍ତମାନର କେନ୍ଦ୍ରୀକୃତ ଜଙ୍ଗଲ ପରିଚାଳନା ବ୍ୟବସ୍ଥାର ପରିବର୍ତ୍ତନ କରାଯାଇ ଅଧିକ ବିକେନ୍ଦ୍ରିତ ପରିଚାଳନା ଓ ଏହା ମାଧ୍ୟମରେ ଗୋଷ୍ଠୀ ପାଇଁ ଜୀବିକାର ସୃଷ୍ଟି ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ।



# ଜଙ୍ଗଲ ଅଧିକାର ଆଇନ ବିଶେଷାବଳୀ

ଜଙ୍ଗଲ ଅଧିକାର ଆଇନର ଧାରା ୩(୧) ଅନୁସାରେ:-

୦ ଜଙ୍ଗଲ ଉପରେ ନିର୍ଭରକରି ବଞ୍ଚୁଥିବା ଗୋଷ୍ଠୀମାନଙ୍କ ପାଇଁ ଜଙ୍ଗଲ ସମ୍ପଦ ଉପରେ ନିଜର ଅଧିକାର ସାବ୍ୟସ୍ତ କରିବା ଓ ପରିଚାଳନା କରିବା ପାଇଁ ଏକ ବିରଳ ସୁଯୋଗ ପ୍ରଦାନ କରାଯାଇଛି । ଏହା ମାଧ୍ୟମରେ ନିରନ୍ତର ଜୀବିକା ଉପାର୍ଜନ କରିବା ଓ ଜୈବ ବିବିଧତାର ସଂରକ୍ଷଣ କରିବା ଲକ୍ଷ୍ୟସାଧନ କରାଯାଇପାରିବ ।

୦ ପାରମ୍ପରିକ ଭାବେ ଜଙ୍ଗଲର ସୁରକ୍ଷା ଜଙ୍ଗଲ ଅଧିବାସୀ କରିଆସୁଛନ୍ତି । ତେଣୁ ଜଙ୍ଗଲର ସୁରକ୍ଷା, ସଂରକ୍ଷଣ, ପୁନଃଉଦ୍ଧାର ଓ ପରିଚାଳନା ଅଧିକାର ପ୍ରଦାନ କରାଯାଇଛି ।

୦ ଯେଉଁସବୁ ଜଙ୍ଗଲ ଗ୍ରାମବାସୀଙ୍କ ଦ୍ୱାରା ସୁରକ୍ଷିତ, ସେହିସବୁ ଜଙ୍ଗଲରେ କୌଣସି ପ୍ରକାର କାର୍ଯ୍ୟକରିବା ପୂର୍ବରୁ ସ୍ଥାନୀୟ ଅଧିବାସୀଙ୍କ ଅନୁମତି ଆବଶ୍ୟକ ।

୦ ଜଙ୍ଗଲ ଅଧିକାର ଆଇନର ଧାରା (୫) ଜଙ୍ଗଲ ସମ୍ପଦଉପରେ ଅଧିକାର ଲାଭ କରିଥିବା ଗୋଷ୍ଠୀର କ୍ଷମତା ଓ କର୍ତ୍ତବ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଛି ।

୦ ଗ୍ରାମସଭାକୁ ଗୋଷ୍ଠୀ ଜଙ୍ଗଲସମ୍ପଦ ବ୍ୟବହାରକୁ ନିୟନ୍ତ୍ରଣ କରିବା ଅଧିକାର ପ୍ରଦାନ କରାଯାଇଛି । ଏହା ସହ ବନ୍ୟପ୍ରାଣୀ, ଜଙ୍ଗଲ ଏବଂ ଜୈବବିବିଧତାର ସୁରକ୍ଷା ଗ୍ରାମସଭାର ଦାୟିତ୍ୱ ଅଟେ । କୌଣସି କ୍ଷେତ୍ରରେ ଜଙ୍ଗଲ ସମ୍ପଦକୁ କ୍ଷତି ପହଞ୍ଚାଇବା ଭଳି ଯେକୌଣସି ପ୍ରକାର କାର୍ଯ୍ୟକୁ ଗ୍ରାମସଭା ବନ୍ଦ କରିବାପାଇଁ ପଦକ୍ଷେପ ନେଇପାରିବ ।

୦ ନିୟମ୪୧ (ଆଇନ ଫାଶରେ ବନ୍ଧା)ରେ ସ୍ପଷ୍ଟଭାବରେ ଉଲ୍ଲେଖ ଅଛି ଯେଉଁ ଜଙ୍ଗଲ ଅଧିବାସୀମାନେ ଏହି ଆଇନ ଅନୁସାରେ ଅଧିକାର ଲାଭ କରିଛନ୍ତି, ସେମାନଙ୍କର ବନ୍ୟପ୍ରାଣୀ, ଜଙ୍ଗଲ ଏବଂ ଜୈବବିବିଧତାର ସୁରକ୍ଷାପାଇଁ କମିଟି ଗଠନ କରିବାର ଅଧିକାର ରହିଛି । ଆଇନର ୫ଧାରାରେ ରହିଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାପାଇଁ ସ୍ଥାନୀୟ ଲୋକମାନେ କମିଟିର ସଦସ୍ୟ ରହିବେ ।

*ଉଦ୍ଦେଶ୍ୟ:*

ଅଧ୍ୟୟନର ନିମ୍ନଲିଖିତ ଉଦ୍ଦେଶ୍ୟ ରହିଥିଲା:

୦ ବିଭିନ୍ନ ରାଜ୍ୟରେ ଗୋଷ୍ଠୀ ସଂରକ୍ଷିତ ଅଞ୍ଚଳ (Community Conserved Area) ସରକାରଙ୍କ ଦ୍ୱାରା ସଂରକ୍ଷିତ ଅଞ୍ଚଳରେ (ଧାରା ୩(୧)ଆଇ ଏବଂ ଧାରା

୫ ଆଇନ ୪୧) ସହ ଗୋଷ୍ଠୀ ଜଙ୍ଗଲ ସମ୍ପଦ ସମ୍ପର୍କରେ ରହିଥିବା ପ୍ରସ୍ତାବଗୁଡ଼ିକର କାର୍ଯ୍ୟକାରିତକ ସମ୍ପର୍କରେ ଅଧ୍ୟୟନ କରିବା,

୦ ଜଙ୍ଗଲ ଅଧିକାରୀ ଏବଂ ଏନ୍‌ଜିଓମାନଙ୍କ ମଧ୍ୟରେ ସୂଚନାର ଆଦାନ ପ୍ରଦାନ ପାଇଁ ସୁଯୋଗ ସୃଷ୍ଟି କରିବା,

୦ ଜଙ୍ଗଲ ଉପରେ ଗୋଷ୍ଠୀଗତ ଅଧିକାରର ସମ୍ଭାବ୍ୟ ପ୍ରଭାବକୁ ବୁଝିବା ଏବଂ ଜଙ୍ଗଲ ସମ୍ପଦର ପରିଚାଳନା ପାଇଁ ଭବିଷ୍ୟତ କୌଶଳ ସ୍ଥିର କରିବା ।

*ସୀମାବଦ୍ଧତା(Limitations)*

ପ୍ରତ୍ୟେକ ଗାଁକୁ ଦିନେ ବା ଦୁଇଦିନ ପରିଦର୍ଶନ କରାଯାଇଥିଲା । ତେଣୁ ଉକ୍ତ ଅଞ୍ଚଳର ଲୋକମାନଙ୍କ ଜଙ୍ଗଲ ସମ୍ପଦର ପରିଚାଳନା ସମ୍ପର୍କରେ ରହିଥିବା ଜ୍ଞାନ ସମ୍ପର୍କରେ ପୂର୍ଣ୍ଣଭାବରେ ଧାରଣା କରିବା ସମ୍ଭବ ନୁହେଁ । ଗୁଜୁରାଟ ଏବଂ ଓଡ଼ିଶାର କ୍ଷେତ୍ର ଅଞ୍ଚଳରେ ରହୁଥିବା ଜନଗୋଷ୍ଠୀମାନଙ୍କ ଭାଷା ବୁଝି ନହେବାରୁ ସିଧାସଳଖ କଥାବାର୍ତ୍ତା ସମ୍ଭବ ହୋଇପାରିଲା ନାହିଁ । ସମସ୍ତ କଥାବାର୍ତ୍ତା ସେ ଅଞ୍ଚଳରେ କାର୍ଯ୍ୟରତ ଏନ୍‌ଜିଓ କର୍ମୀଙ୍କ ମଧ୍ୟସ୍ଥତାରେ ହୋଇଥିଲା । ପରୋକ୍ଷ କଥୋପକଥନ ଦ୍ୱାରା ଟିକିନିଖି ତଥ୍ୟ ସଂଗ୍ରହ ସମ୍ଭବ ନୁହେଁ । ଗୋଷ୍ଠୀର ଜଙ୍ଗଲ ଉପରେ ଅଧିକାର ଦାବୀ ସମ୍ପର୍କରେ ରହିଥିବା ତଥ୍ୟ ସ୍ଥାନୀୟ ଭାଷାରେ ରହିଥିବା ଯୋଗୁଁ ଅନୁବାଦ ଉପରେ ନିର୍ଭର କରିବାକୁ ହୋଇଥାଏ ।

*କ୍ଷେତ୍ର ପରିଦର୍ଶନ*

କ୍ଷେତ୍ର ପରିଦର୍ଶନ ସହଯୋଗୀ ଏନ୍‌ଜିଓମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଆଧାରରେ କରାଯାଇଥିଲା । ଏହି ଏନ୍‌ଜିଓମାନେ ଜଙ୍ଗଲ ଅଧିକାର ଆଇନ ଅନୁସାରେ ଜଙ୍ଗଲଜୀବୀମାନଙ୍କୁ ନିଜର ଅଧିକାର ସାବ୍ୟସ୍ତ ଦିଗରେ ସହଯୋଗ କରିଆସୁଛନ୍ତି । ଓଡ଼ିଶାର ନୟାଗଡ଼ ଓ କଳାହାଣ୍ଡି, ଦକ୍ଷିଣ ଗୁଜୁରାଟ, ଭାଦୋଦାରା ଏବଂ ନର୍ମଦା, ଓ ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲ୍ଲାରେ କ୍ଷେତ୍ର ପରିଦର୍ଶନ କରାଯାଇଥିଲା (Field visit), ଓଡ଼ିଶାରେ କ୍ଷେତ୍ର ପରିଦର୍ଶନ ବସୁନ୍ଧରା ଏବଂ ଅର୍ଚ୍ଚ ବାହିନୀର ପରାମର୍ଶକ୍ରମେ କରାଯାଇଥିଲା । ଦୁଇଟି ଏନ୍‌ଜିଓ ଏହି ରାଜ୍ୟରେ କାର୍ଯ୍ୟ କରୁଛନ୍ତି । ମହାରାଷ୍ଟ୍ରର ଗଡ଼ଚିରୋଲି ମେନ୍ଧାଲେଖା ଗ୍ରାମକୁ ଅଧ୍ୟୟନ ପାଇଁ ଚୟନ କରାଯାଇଥିଲା । ଏହି ଗାଁଟି ଜଙ୍ଗଲ ଅଧିକାର ଆଇନ ଅନୁସାରେ ଜଙ୍ଗଲ ସମ୍ପଦ ଉପରେ ଅଧିକାର ଲାଭ କରିଥିବା ପ୍ରଥମ ଗ୍ରାମ ଅଟେ ।

ଆମେ ଅଧ୍ୟୟନ ପାଇଁ ଯାଇଥିବା ଗ୍ରାମମାନଙ୍କରେ ଯେଉଁ ଲୋକମାନେ ଗୋଷ୍ଠୀ



ଜଙ୍ଗଲ ଉପରେ ପ୍ରକ୍ରିୟା ସହ ସଂଶ୍ଳିଷ୍ଟ, ଜଙ୍ଗଲ ଅଧିକାର କମିଟିର ସଦସ୍ୟ, ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଏନ୍‌ଜିଓ କର୍ମୀମାନଙ୍କୁ ନେଇ ସଭା ଅନୁଷ୍ଠିତ ହୋଇଥିଲା । ଜଙ୍ଗଲ ବିଭାଗ ଠାରୁ ସିଏଫ୍‌ଆର(CFR)କାର୍ଯ୍ୟକାରିତାର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା ।

*ଦାବୀ କରିବାର ପୂର୍ବ ପ୍ରକ୍ରିୟା (Pre-claim Process)*

ଜଙ୍ଗଲସମ୍ପଦ ଉପରେ ଗୋଷ୍ଠୀର ଅଧିକାର ଦାବୀ ପ୍ରକ୍ରିୟାଟି ଓଡ଼ିଶା ଓ ଗୁଜୁରାଟରେ ସ୍ଥାନୀୟ ଏନ୍‌ଜିଓ ଏବଂ ନାଗରିକସମାଜ ଦ୍ୱାରା ଆରମ୍ଭ ହୋଇଥିଲା । ଉଭୟ ରାଜ୍ୟରେ ସିଏଫ୍‌ଆର୍ (CFR)ଦାବୀ କରିବା ଫର୍ମ ଲୋକମାନଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସରକାରୀ ସଂସ୍ଥା ପ୍ରଦାନ କରିନଥିଲେ । ସ୍ୱେଚ୍ଛାସେବୀ ସଙ୍ଗଠନମାନେ ଏହି ଆବେଦନ ପତ୍ରର କପି ଲୋକଙ୍କୁ ବ[ନ କରିଥିଲେ ।

ଯେଉଁସବୁ ଗ୍ରାମରେ ଜଙ୍ଗଲ ସମ୍ପଦ ଉପରେ ଗୋଷ୍ଠୀର ଅଧିକାର ଦାବୀ ପ୍ରକ୍ରିୟା ଆରମ୍ଭ ହୋଇଥିଲା, ସେହିସବୁ ଗ୍ରାମରେ ଜଙ୍ଗଲ ଅଧିକାର କମିଟି ଏବଂ ଗୋଷ୍ଠୀର ଜଙ୍ଗଲ ଉପରେ ଅଧିକାର ଅଟେ । ୨୦୦୮ ମାର୍ଚ୍ଚ (ଜଙ୍ଗଲ ଅଧିକାର ଆଇନ ୨୦୦୮ କାର୍ଯ୍ୟକାରୀ ହୋଇଥିଲା)ପରେ ଚର୍ଚ୍ଚା ଆରମ୍ଭ ହୋଇଥିଲା ।

*<u>ଧାରା ୩(୧)ଙ ଅନୁସାରେ ଆବେଦନ ପତ୍ର ପୂରଣ</u>*

ପରିଚାଳନା, ସଂରକ୍ଷଣ ଓ ଅଧିକାର ଦାବୀ ଦୃଷ୍ଟିକୋଣରୁ ଜଙ୍ଗଲ ଅଧିକାର ଆଇନର ଧାରା ୩(୧)ଙ ଯଦିଓ ଗୁରୁତ୍ୱପୂର୍ଣ୍ଣ ଅଟେ, ସରକାର ଦ୍ୱାରା ପ୍ରସ୍ତୁତ ହୋଇଥିବା ଆବେଦନ ପତ୍ରରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ ।

ଓଡ଼ିଶାରେ ସର୍ବେକ୍ଷଣ କରାଯାଇଥିବା ଦୁଇଟି ଗାଁରେ ଏହି ଅଧିକାରର ଦାବୀ ୩(୧)ଙ ଅନ୍ୟ କୌଣସି ପାରମ୍ପରିକ ଅଧିକାର ଯେପରିକି ଗାଁର ଗୋଷ୍ଠୀ ସମ୍ପଦର ସୁରକ୍ଷା ଓ ପରିଚାଳନା ମାଧ୍ୟମରେ କରାଯାଇଛି କିମ୍ବା ଆବେଦନ ପତ୍ରରେ ସ୍ୱତନ୍ତ୍ର ଭାବରେ ଉଲ୍ଲେଖ ନଥିବାରୁ ଆଦୌ କରାଯାଇ ନାହିଁ ।

ସଂରକ୍ଷଣ, ସୁରକ୍ଷା ଏବଂ ପରିଚାଳନା ଅଧିକାର ଦାବୀ ଧାରା ୩(୧)ଙ ଅନୁସାରେ ଦାବୀ କରିବା ସହ ସମାନ କି ନୁହେଁ, ଏହା ସ୍ପଷ୍ଟ ନୁହେଁ । ଗୁଜୁରାଟରେ ମଧ୍ୟ ଏହାକୁ ନେଇ ଦ୍ୱନ୍ଦ୍ୱ ରହିଛି ।

ମହାରାଷ୍ଟ୍ରରେ ମେନ୍ଧାଲେଖା ଗ୍ରାମଟି ଜଙ୍ଗଲ ସମ୍ପଦ ସୁରକ୍ଷା ଓ ସଂରକ୍ଷଣ ଧାରା ୩(୧)ଙ'କୁ ଅନ୍ୟ ପାରମ୍ପରିକ ଅଧିକାର ଭାବେ ଦାବୀ କରାଯାଇଥିଲେ ମଧ୍ୟ ସରକାର ତାଙ୍କର ଦାବୀକୁ ଗ୍ରହଣ କରି ଜଙ୍ଗଲ ସମ୍ପଦ ଉପରେ ଗୋଷ୍ଠୀକୁ ଅଧିକାର ପ୍ରଦାନ କରିଛନ୍ତି ।

## ପ୍ରମାଣ ପାଇଁ ତଥ୍ୟ ସମୂହ ପ୍ରଦାନ

ସମସ୍ତ ଆବେଦନ ପତ୍ରରେ ଦାବୀକୁ ସମର୍ଥନ କଲାଭଳି ପ୍ରମାଣଯୋଗ୍ୟ ତଥ୍ୟ ସଂଲଗ୍ନ ହେବା ଆବଶ୍ୟକ । ଓଡ଼ିଶା ଏବଂ ଗୁଜୁରାଟରେ ଜଙ୍ଗଲ ଅଧିବାସୀମାନେ ନିମ୍ନଲିଖିତ ପ୍ରମାଣ ପ୍ରଦାନ କରିଥିଲେ ।

୧) ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଏବଂ ଗୋଷ୍ଠୀର ସଦସ୍ୟମାନଙ୍କ ଲିଖିତ ବକ୍ତବ୍ୟ ।

୨) ତେନ୍ତୁଳିପଦର ହେଉଛି ଏକ ସର୍ଭେ ହୋଇଥିବା ଗାଁ । ଏହି ଗ୍ରାମବାସୀ ସୂଚନା ଅଧିକାର ଆଇନ ମାଧ୍ୟମରେ ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗରୁ ଶତାଧିକ ବର୍ଷ ଧରି ଗାଁଟିଏ ରହିଥିବାର ପ୍ରମାଣ ପ୍ରଦାନ କରିଥିଲେ ।

୩) ଭୋଟର ତାଲିକା

୪) ପାରମ୍ପରିକ ଭାବରେ ବଞ୍ଚିବା ପାଇଁ ବ୍ୟବହାର କରିଆସୁଥିବା ସମ୍ପଦର ହାତ ପ୍ରସ୍ତୁତ ମ୍ୟାପ୍

୫) ଜିଲ୍ଲା ଗେଜେଟ୍

୬) ଗୁଗୁଲି ମ୍ୟାପ୍

ଗଡ଼ଚିରୋଲି (ମହାରାଷ୍ଟ୍ର), ମେନ୍ଧାଲେଖା ଗ୍ରାମ ଯାହା ଜଙ୍ଗଲ ସମ୍ପଦ ଉପରେ ଗୋଷ୍ଠୀଗତ ଅଧିକାର ହାସଲ କରିସାରିଛି, ସେହି ଗ୍ରାମ ତରଫରୁ ନିମ୍ନଲିଖିତ ପ୍ରମାଣ ଉପସ୍ଥାପନ କରାଯାଇଛି,

୧) ଜଙ୍ଗଲ ସମ୍ପଦର ସ୍ୱପ୍ରସ୍ତୁତ ହ୍ୟାଣ୍ଡମ୍ୟାପ (ହାତ ନକ୍ସା)

୨) ଗାଁର ବୟସ୍କ ଲୋକମାନଙ୍କ ବକ୍ତବ୍ୟ

୩) ଏଫ୍‌ଆର୍‌ସି (FRC) ଦ୍ୱାରା ଗ୍ରହଣ କରାଯାଇଥିବା ଆନୁଷ୍ଠାନିକ ପ୍ରସ୍ତାବ ।

ମେନ୍ଧାଲେଖାରେ ସରକାର ଜଙ୍ଗଲ ବିଭାଗର ଦଲିଲ, ମ୍ୟାପ୍, ଜୈବ ବିବିଧତା ଆଇନ ୨୦୦୨ ଏବଂ ଜୈବବିବିଧତା ନିୟମ ୨୦୦୪ପ୍ରମାଣ ଭାବରେ ଉପସ୍ଥାପନ କରାଯାଇଛି । ଧାରା ୩(୧)କେ ଜୈବ ବିବିଧତା ସମ୍ପର୍କିତ ସମସ୍ୟାକୁ ମାନ୍ୟତା ଦିଏ ଏବଂ ଧାରା ୫କାର୍ଯ୍ୟକାରୀ କରିବାକୁ ବିଡ଼ିଏର ଗଠନକୁ ପ୍ରମାଣ ଭାବରେ ପ୍ରଦାନ କରାଯାଇଛି । ମାତ୍ର ସେମାନେ ଏହାର କୌଣସି କପି ଆବେଦନ ଫର୍ମ ସହ ଦାଖଲ କଲେନାହିଁ ।

## ଅଧିକାର ଦାବୀ କରିବା ପୂର୍ବବର୍ତ୍ତୀ ସମସ୍ୟା

ଅଧିକାର ଦାବୀ ପ୍ରକ୍ରିୟାରେ ଗାଁ ଗାଁ ମଧ୍ୟରେ ସୀମା ନିର୍ଦ୍ଧାରଣକୁ ନେଇ ରହିଥିବା



ସମସ୍ୟାର ସମାଧାନ ଏବଂ ପ୍ରମାଣ ପାଇଁ ତଥ୍ୟ ସଂଗ୍ରହ ସବୁଠୁ ଅଧିକ ସମୟ ନେଇଥାଏ । ବିଭିନ୍ନ ଉପାୟରେ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ପନ୍ନ ହୋଇଥାଏ । ଅଧ୍ୟୟନ ପାଇଁ ଯାଇଥିବା ଗ୍ରାମଗୁଡ଼ିକର ସୀମା ନିର୍ଦ୍ଧାରଣ ହୋଇସାରିଥିଲା । ସୀମା ନିର୍ଦ୍ଧାରଣ ପାଇଁ ପଡ଼ୋଶୀ ଗ୍ରାମ ଏବଂ ଅଂଶୀଦାରମାନଙ୍କ ସହ ଅନେକ ସଭା କରିବାକୁ ପଡ଼ିଥିଲା ।

୦ ଜଙ୍ଗଲ ଅଧିକାର ନିୟମ ଧାରା ୧୨(୩)ରେ ଉଲ୍ଲେଖ ଅଛି ଗ୍ରାମମାନେ ଯଦି ପାରମ୍ପରିକ ବୁଝାମଣା ମାଧ୍ୟମରେ ସୀମା ନିର୍ଦ୍ଧାରଣ ହୋଇପାରିବ ନାହିଁ ଉପଖଣ୍ଡ ସ୍ତରୀୟ କମିଟି (Sub-Division level commiitte)କୁ ଏହାର ସମାଧାନ ପାଇଁ ଅନୁରୋଧ କରିବେ । ଅଧ୍ୟୟନ ସମୟରେ ଦେଖାଯାଇଥିଲେ ଯେକୌଣସି ଉପଖଣ୍ଡସ୍ତରୀୟ କମିଟିକୁ ସୀମା ନିର୍ଦ୍ଧାରଣ ପାଇଁ ଆବେଦନ କରିନଥିଲେ । ଏହି ସବୁ ଗ୍ରାମଗୁଡ଼ିକରେ ସୀମା ସମସ୍ୟାର ସମାଧାନ ଗ୍ରାମସଭା ସ୍ତରରେ କରାଯାଇଥିଲା ।

୦ ଅନେକ ଗ୍ରାମଥିଲା,ଯେଉଁମାନେ କି ଜଙ୍ଗଲ ଅଧିକାର ଆଇନ ସମ୍ପର୍କରେ କିଛି ଜାଣିନଥିଲେ । ଏହି ପରିସ୍ଥିତି ଯେଉଁଠି ଏନ୍‌ଜିଓମାନେ କାମ କରୁନଥିଲେ ସେଠି ଦେଖାଯାଇଥିଲା ଏନ୍‌ଜିଓମାନେ ଅନଭିଜ୍ଞ ମନେ କରୁଥିବା ଅନେକ ଅଞ୍ଚଳରେ ଜଙ୍ଗଲ ଅଧିକାର ଆଇନ ସମ୍ପର୍କରେ ମଧ୍ୟ ଲୋକମାନେ ଜାଣିନଥିଲେ କାରଣ ସେହି ଏନ୍‌ଜିଓ ମାନେ ଜଙ୍ଗଲ ଅଧିକାର ଆଇନକୁ ନେଇ କାର୍ଯ୍ୟ କରୁନଥିଲେ । ଉଦାହରଣସ୍ୱରୂପ, ଭାସବ ଆଦିବାସୀ ଗାଁଗୁଡ଼ିକ ସୋଲପେନେଶ୍ୱର ଅଭୟାରଣ୍ୟରେ ରହିଥିଲେ ମଧ୍ୟ ଜଙ୍ଗଲ ଅଧିକାର ଆଇନ ଏବଂ ଗୋଷ୍ଠୀ ଜଙ୍ଗଲ ଅଧିକାର ପ୍ରସ୍ତାବ ସମ୍ପର୍କରେ ଅନଭିଜ୍ଞ ଥିଲେ ।

୦ କର୍ଲାପାଟ ଅଭୟାରଣ୍ୟ ଅନ୍ତର୍ଗତ ତେନ୍ତୁଳିପଦର ଗ୍ରାମ ଅଧିବାସୀ ଅଭିଯୋଗ କରିଥିଲେ ଜାତି ପ୍ରମାଣପତ୍ର ପ୍ରଦାନପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛଅମାସ ସମୟ ନେଇଥିଲେ ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ଯୋଗାଡ଼ ପାଇଁ ଛଅମାସରୁ ଅଧିକ ସମୟ ଲାଗିଥିଲା ।

ଗ୍ରାମସଭା ଦ୍ୱାରା ତଦାରଖ ଏବଂ ଉପଖଣ୍ଡସ୍ତରୀୟ କମିଟି ନିକଟରେ ଅଧିକାର ଦାବୀ ସହଜରେ ହୋଇଥିଲା ।

## ଦାବୀ ଉପସ୍ଥାପନ ପରେ (Post claims)

ସାମୂହିକ ସମ୍ପଦ ଉପରେ ଅଧିକାର ଦାବୀ ଉପଖଣ୍ଡସ୍ତରୀୟ କମିଟିର ବିଚାରାଧିନ ରହିଛି । ଅଧ୍ୟୟନ ପାଇଁ ନିଆଯାଇଥିବା ଗ୍ରାମମାନଙ୍କ ମଧ୍ୟରୁ କେବଳ ମେନ୍ଧାଲେଖା

ଗାଁକୁ ଗୋଷ୍ଠୀଗତ ସମ୍ପଦ ଉପରେ ଅଧିକାର ପ୍ରଦାନ କରାଯାଇଛି । ସାମୂହିକ ସମ୍ପଦ ଉପରେ ଗୋଷ୍ଠୀ ଅଧିକାର ଦାବୀକୁ ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱୀକୃତି ଦିଆଯିବ, ପ୍ରଥମେ ଜଙ୍ଗଲଜମି ଉପରେ ବ୍ୟକ୍ତିଗତ ଅଧିକାର ପ୍ରଦାନ କରାଯିବ ବୋଲି ସରକାରୀ ଅଧିକାରୀମାନେ ଗ୍ରାମବାସୀ ତଥା ଏନ୍‌ଜିଓ କର୍ମୀମାନଙ୍କୁ କହିଛନ୍ତି ।

୦ ଗୁଜୁରାଟ ଏବଂ ଓଡ଼ିଶାର ଅଣସଂରକ୍ଷିତ ଜଙ୍ଗଲ ଅଞ୍ଚଳର କେତେକ ଗ୍ରାମର ଅଧ୍ୟୟନ କରାଯାଇଥିଲା । ଏହି ଗ୍ରାମମଧ୍ୟରୁ କେତେକ ଗ୍ରାମ ସଂରକ୍ଷଣ ଦୀର୍ଘଦିନ ଧରି କରିଆସୁଥିବା ବେଳେ କେତେକ ଗ୍ରାମ ଅଳ୍ପ କେଇବର୍ଷ ହେବ ସଂରକ୍ଷଣ କାର୍ଯ୍ୟ ଆରମ୍ଭ କରିଥିଲେ । ଆଖୁପଦର, ଲଖପଡ଼ା, ବସନ୍ତପୁର ଏବଂ ବଡ଼ ତଉଲୁବି ନୟାଗଡ଼ ଜିଲ୍ଲାର ଗ୍ରାମଗୁଡ଼ିକ ସଂରକ୍ଷଣ କାର୍ଯ୍ୟ କରିଆସୁଛନ୍ତି, ଏହା ଧାରା ୫ର ଅନ୍ତର୍ଭୁକ୍ତ ହୋଇପାରିବ ।

୦ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଥିବା ଗ୍ରାମବାସୀମାନେ ଜଙ୍ଗଲ ସୁରକ୍ଷା ପାଇଁ କାର୍ଯ୍ୟ କରନ୍ତି ନାହିଁ, ସେମାନେ ଜଙ୍ଗଲକୁ ସରକାରଙ୍କର ବୋଲି ମନେ କରନ୍ତି । ତେନ୍ତୁଳିପଦର, ଶଙ୍ଖାଲି ଏବଂ ଦୋନକା ଯାହାକି ସଂରକ୍ଷିତ ଅଞ୍ଚଳରେ ରହିଛି ସେମାନେ ଅଧିକାର ପାଇବା ପରଠୁ ଗୃହପାଳିତ ପଶୁଙ୍କ ଚାରଣକୁ ନିୟନ୍ତ୍ରିତ କରିବା, ନିଆଁକୁ ନିୟନ୍ତ୍ରଣ କରିବା ଏବଂ ଜଙ୍ଗଲକୁ ଜଗିବା କାର୍ଯ୍ୟ କରୁଛନ୍ତି ।

୦ ଭଦୋଦରା ଜିଲ୍ଲାର ରାଜୱନ୍ତ ଗାଁ ତରଫରୁ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଜଙ୍ଗଲ ସମ୍ପଦ ଅଧିକାର ଦାବୀ କରାଯାଇଛି । କିନ୍ତୁ ଉପଖଣ୍ଡୀୟସ୍ତରୀୟ କମିଟି ବ୍ୟକ୍ତିଗତ ଦାବୀକୁ ଅନୁମୋଦନ କରିବା ପାଇଁ ମନା କରିଦେଇଛି ଏବଂ ମନା କରିବାର କୌଣସି କାରଣ ଦର୍ଶାଇ ନାହିଁ । ଆକିବାହିନୀ NGO ଦାବୀ କରେ ଯେ ଗ୍ରାମବାସୀମାନେ ସିଏଫ୍‌ଆର (CFR)ଦାବୀକୁ ହାସଲ କରିବା ଦିଗରେ କୌଣସି ପ୍ରକାର ଆଗ୍ରହ ଦେଖାଉ ନାହାନ୍ତି ।

୦ କେତେକ ଗ୍ରାମକୁ ସର୍ତ୍ତମୂଳକଭାବେ ଗୋଷ୍ଠୀଗତ ଅଧିକାର ପ୍ରଦାନ କରାଯାଇଛି । ଉଦାହରଣସ୍ୱରୂପ-ଗଡ଼ଚିରୋଲି ଜିଲ୍ଲାର 'ଭାଟି'ଗାଁକୁ ସାତଟି ସର୍ତ୍ତ ରଖାଯାଇଛି । ଏହି ସର୍ତ୍ତ ମଧ୍ୟରୁ ଗୋଟିଏ ହେଲା ଉକ୍ତ ଅଞ୍ଚଳରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ କୌଣସି କାର୍ଯ୍ୟକୁ ଗୋଷ୍ଠୀ ବନ୍ଦ କରିପାରିବ ନାହିଁ । ଗ୍ରାମବାସୀମାନେ (କମ୍ୟୁନିଟି ଫରେଷ୍ଟ)ଗୋଷ୍ଠୀ ଜଙ୍ଗଲରୁ ଜଙ୍ଗଲ ବିଭାଗର ଗଛ(ଅମଳ) କାଟି ବିକ୍ରୟ କରିବାକୁ ବିରୋଧ କରିଥିବାରୁ ଗ୍ରାମବାସୀମାନଙ୍କ ପାଇଁ ଏହି ସର୍ତ୍ତ ରଖାଯାଇଛି । ସେହିପରି ଘଟଣା ଓଡ଼ିଶାର କଳାହାଣ୍ଡି ଅଞ୍ଚଳରୁ ମଧ୍ୟ ରିପୋର୍ଟ ହୋଇଛି । ଏହିପରି ସର୍ତ୍ତ ଆରୋପ କରିବା (FRA)ର ବୈଧାନିକ ନିର୍ଦ୍ଦେଶରେ ନାହିଁ ।



<u>*ପରିଦର୍ଶନ କରିଥିବା ଗାଁମାନଙ୍କରେ ସଂରକ୍ଷଣ ସ୍ଥିତି:*</u>

କ୍ଷେତ୍ର ପରିଦର୍ଶନ ଅନୁଭବରୁ ଦେଖାଯାଏ ଯେ, ଅଣସଂରକ୍ଷିତ ଅଞ୍ଚଳର ଲୋକମାନେ ଜଙ୍ଗଲର ସୁରକ୍ଷା କରୁଥିବାବେଳେ ସଂରକ୍ଷିତ ଅଞ୍ଚଳର ଲୋକମାନେ ଜଙ୍ଗଲର ସୁରକ୍ଷା ପ୍ରତି ବିମୁଖ । ସେମାନେ ଜଙ୍ଗଲ ସମ୍ପଦର ନିରନ୍ତର ବ୍ୟବହାର ଦିଗରେ କାର୍ଯ୍ୟ କରିବାକୁ ମଧ୍ୟ ଅନାଗ୍ରହ ପ୍ରଦର୍ଶନ କରି ଆସୁଛନ୍ତି ।

ଦକ୍ଷିଣ ଗୁଜୁରାଟର ସୋଲପନେଶ୍ୱର ଅଭୟାରଣ୍ୟ ଅନ୍ତର୍ଗତ ଗ୍ରାମଗୁଡ଼ିକ ନିଜ ଦାବୀ ପାଇଁ ସମାନ ପ୍ରକାରର ନମୂନାପତ୍ର ବ୍ୟବହାର କରିଥିଲେ । ନମୂନା ଆଙ୍ଗାବାହିନୀ ଦ୍ୱାରା ପ୍ରଦାନ କରାଯାଇଥିଲା ଏବଂ ଏଥିରେ ଗ୍ରାମସଭାର ନିଷ୍ପତ୍ତିକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ପ୍ରସ୍ତାବରେ ଘୋଷଣା କରାଯାଇଥିଲା ଯେ ଗ୍ରାମବାସୀଙ୍କୁ ଜଙ୍ଗଲ ଉପରେ ଅଧିକାର ପ୍ରଦାନ କରାଗଲେ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରି ଏହାର ସୁରକ୍ଷା କରିଥିବେ । ସେମାନେ ମୃତ୍ତିକାକ୍ଷୟକୁ ରୋକିବେ, ଜୈବବିବିଧତାର ସଂରକ୍ଷଣ, ବନ୍ୟଜନ୍ତୁ ଆଦିଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଘୋଷଣା କରିଛନ୍ତି । ସେ ଯାହା ହେଉ ଗ୍ରାମବାସୀଙ୍କୁ କରିଥିବା ଘୋଷଣା ସମ୍ପର୍କରେ ପଚରାଗଲା, ସେମାନେ ଉପରୋକ୍ତ ସଂଜ୍ଞାସବୁକୁ ବୁଝିନଥିବା ପ୍ରକାଶ କରିଥିଲେ । ସଂରକ୍ଷିତ ଏବଂ ଅଣସଂରକ୍ଷିତ ଅଞ୍ଚଳରେ ବ୍ୟବସାୟ ଦୃଷ୍ଟିକୋଣରୁ ତଥା ବଜାର ଚାହିଦା ଥିବା ଲଘୁବନଜାତ ଦ୍ରବ୍ୟ ଯଥା ମହୁ, କେନ୍ଦୁପତ୍ର, ବାଉଁଶ ଇତ୍ୟାଦିର ବ୍ୟବସାୟିକ ଦିଗ ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କ ସ୍ୱାଭାବିକଭାବରେ ଚର୍ଚ୍ଚା କରାଯାଇ ପାରୁଥିବାବେଳେ ସେମାନଙ୍କ ସହ ଜଙ୍ଗଲଜାତ ଦ୍ରବ୍ୟର ଘରୋଇ ଓ ପାରମ୍ପରିକ ବ୍ୟବହାରକୁ ଚର୍ଚ୍ଚା ପରିସରକୁ ବହୁ ଚେଷ୍ଟାସତ୍ତ୍ୱେ ଅଣାଯାଇ ପାରିନଥିଲା । ଆଖୁପଦର ଗାଁର ଗ୍ରାମବାସୀଙ୍କୁ ଜଙ୍ଗଲ ସମ୍ପଦ ଉପରେ ଅଧିକାର ମିଳିବା ପରେ ଟିକ୍‌ଗଛ ଏବଂ ଆମ୍ବଗଛ ରୋପଣ କରିବା ପାଇଁ ଯୋଜନା କରିଥିଲେ । ସିଡବ୍ଲ୍ୟୁଏଚ୍ (CWH) ପ୍ରତିଷ୍ଠାକୁ ଶଙ୍ଖାଳି ଗ୍ରାମବାସୀ ତୀବ୍ର ବିରୋଧ କରିଥିଲେ ।

ଜଙ୍ଗଲ ଅଧିକାର ଆଇନ ୫ ପ୍ରସ୍ତାବ ଅନୁସାରେ ଏହି ଅଞ୍ଚଳକୁ ପୂର୍ଣ୍ଣମାତ୍ରାରେ ଆଇନଗତ ସୁରକ୍ଷା ଏବଂ ଆବଶ୍ୟକ ହେଲେ ଉପଯୁକ୍ତ ଥଇଥାନ ପରେ ଲୋକମାନଙ୍କୁ ସ୍ଥାନାନ୍ତରିତ କରାଯିବ । ସଂରକ୍ଷିତ ଅଞ୍ଚଳ ପାଇଁ ରହିଥିବା ପ୍ରସ୍ତାବ ଭଳି CWH ପାଇଁ ସମାନ ପ୍ରକାରର ପ୍ରସ୍ତାବ ସବୁ ରହିଛି । ଯାହାକି ସ୍ଥାନୀୟ ଲୋକଙ୍କୁ ଅନ୍ୟମାନଙ୍କଠୁ ଅଲଗା କରିଦେଇଥାଏ । ମେନ୍ଧାଲେଖା ଗ୍ରାମବାସୀମାନେ ଜଙ୍ଗଲର ଦଶ ପ୍ରତିଶତ

ଅଞ୍ଚଳକୁ ଦଖଲ କରିଥିବା ପ୍ରକାଶ କରିଛନ୍ତି । ଏହି ଗ୍ରାମବାସୀଙ୍କୁ ୮ଶହ ହେକ୍ଟର ଜଙ୍ଗଲ ଜମିର ଅଧିକାର ପ୍ରଦାନ କରାଯାଇଛି । ଯେତେବେଳେକି ଗ୍ରାମର ଘର ସଂଖ୍ୟା ମାତ୍ର ନବେ । ଯଦିଓ ଆଇନଟି କାର୍ଯ୍ୟକାରୀ ହେବାର ବର୍ଷାଧିକ କାଳ ହେଲାଣି ତଥାପି ଲୋକମାନେ ଉପରେ ସୂଚିତ ଜଙ୍ଗଲ ସମ୍ପଦପରି ଗୋଷ୍ଠୀଗତ ଅଧିକାର ସମ୍ପର୍କରେ ଯଥେଷ୍ଟ ସଚେତନ ହୋଇନାହାନ୍ତି । ଏହା ବିଶେଷତା ସେହି ଅଞ୍ଚଳରେ ଦେଖାଯାଇଛି, ଯେଉଁସବୁ ଅଞ୍ଚଳରେ NGO ବା କୌଣସି ଗୋଷ୍ଠୀ କାର୍ଯ୍ୟ କରୁନାହାନ୍ତି । ଜଙ୍ଗଲ ଅଧିକାର ଆଇନ ସମ୍ପର୍କରେ ଏବଂ ବିଶେଷତଃ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ସମ୍ପର୍କରେ ଲୋକମାନଙ୍କ ଭିତରେ ବ୍ୟାପକ ଚେତନା ପାଇଁ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ନିମ୍ନଲିଖିତ ସମସ୍ୟାଗୁଡ଼ିକ ଆଦିବାସୀ ମନ୍ତ୍ରାଳୟ ଦ୍ୱାରା ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ । କାହିଁକି ଦାରା ୩(୧)ସ ସରକାରୀ ନମୂନାରେ ସ୍ଥାନିତ ହୋଇନାହିଁ । ଲୋକମାନେ ଯେତେବେଳେ ବ୍ୟକ୍ତିଗତ ଅଧିକାରର ଦାବୀ ଉପସ୍ଥାପନା କଲାବେଳେ ଯଦି ଗୋଷ୍ଠୀଗତ ଜଙ୍ଗଲ ସମ୍ପଦ ଉପରେ ଅଧିକାର ଦାବୀ କରିନାହାନ୍ତି ତାହାହେଲେ ତାଙ୍କୁ ଅଧିକାର ଦାବୀ ଉପରେ ଆଉ ଏକ ସୁଯୋଗ ଦିଆଯିବ କି ? ଯେଉଁମାନେ ଅଧିକାର ଦାବୀ କରିନାହାନ୍ତି ସେମାନଙ୍କୁ ଭବିଷ୍ୟତରେ ଅଧିକାର ଦାବୀ ପାଇଁ ସୁଯୋଗ ଦିଆଯାଉ । ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ (CFR)ଦାବୀ କରିବା ପ୍ରକ୍ରିୟା ସମ୍ପର୍କରେ ଏକ କ୍ଷୁଦ୍ରପୁସ୍ତିକା ପ୍ରକାଶନ କରି ଲୋକଙ୍କ ମଧ୍ୟରେ ବ[ନ କରିବା ଆବଶ୍ୟକ ରହିଛି । ସଫଳ CFR ପ୍ରକ୍ରିୟାର ଅଧ୍ୟୟନ ହେବା ଆବଶ୍ୟକ ।

***ଜଙ୍ଗଲ ଅଧିବାସୀ ଓ ବନ୍ୟପ୍ରାଣୀ***

ଗ୍ରାମବାସୀମାନେ ଅଧ୍ୟୟନ ସମୟରେ ପ୍ରକାଶ କରିଛନ୍ତି ସେମାନେ ବନ୍ୟପ୍ରାଣୀଙ୍କ ସହ ସହାବସ୍ଥାନ କରି ରହିପାରିବେ । ଗ୍ରାମବାସୀ ଜଙ୍ଗଲ ସମ୍ପଦର ସଂରକ୍ଷଣ ଓ ପରିଚାଳନା ପାଇଁ ଯୋଜନା କରିବା ପରିବର୍ତ୍ତେ, ଏହା ଉପରେ ଅଧିକାର ହାସଲ କରିବା ପାଇଁ ଅଧିକ ଆଗ୍ରହାନ୍ୱିତ ଥିଲେ । ତେଣୁ ସେମାନଙ୍କ ସହ ବନ୍ୟପ୍ରାଣୀମାନଙ୍କୁ ନେଇ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଚର୍ଚ୍ଚା କରିବା ସମ୍ଭବ ହୋଇପାରିନଥିଲେ । ତେଣୁ ଭବିଷ୍ୟତ ବନ୍ୟପ୍ରାଣୀମାନଙ୍କୁ କିଭଳି ନିୟନ୍ତ୍ରଣ ଓ ସଂରକ୍ଷଣ କରାଯାଇପାରିବ ସେ ସମ୍ପର୍କରେ ଆକଳନ କରାଯାଇ ପାରୁନାହିଁ । ଏ ସମ୍ପର୍କରେ ସ୍ପଷ୍ଟ ଧାରଣା ପାଇଁ ଅଧିକ ଆବଶ୍ୟକତା ରହିଛି । ଗୋଷ୍ଠୀଦ୍ୱାରା ସଂରକ୍ଷିତ ଏବଂ ଜଙ୍ଗଲ ବିଭାଗ ଦ୍ୱାରା ସଂରକ୍ଷିତ ଅଞ୍ଚଳରେ ପରିବେଶର ସ୍ଥିତି ସମ୍ପର୍କରେ ଅଧ୍ୟୟନ ଏ ପର୍ଯ୍ୟନ୍ତ କରାଯାଇ



ନାହିଁ । ଧାରା ୩(୧)ଝ ଧାରା ୫କୁ କାର୍ଯ୍ୟକାରୀ କରିବାପାଇଁ ଏହି ଅଧ୍ୟୟନରେ ଆବଶ୍ୟକତା ରହିଛି ।

***ଗୋଷ୍ଠୀର ସଶକ୍ତିକରଣ***

ଗ୍ରାମବାସୀମାନଙ୍କ ଜଙ୍ଗଲ ସମ୍ପଦର ପରିଚାଳନା ଓ ସଂରକ୍ଷଣ ଦିଗରେ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଗଲେ (CFR) ପ୍ରସ୍ତାବଟି ସଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରିବ ବୋଲି ଅଧ୍ୟୟନରେ ଦର୍ଶାଯାଇଛି । ପ୍ରାକୃତିକ ସମ୍ପଦର ପରିଚାଳନା ପାଇଁ ରହିଥିବା ପାରମ୍ପରିକ ଜ୍ଞାନର ପୁନରୁଦ୍ଧାର ସହିତ ବୈଷୟିକ ଜ୍ଞାନ ଓ ଆର୍ଥିକ ସହାୟତା ପ୍ରଦାନ କରିବା ଆବଶ୍ୟକ ହେବ । ଜଣେ ବୈଜ୍ଞାନିକ କର୍ଲାପାଟ ଅଭୟାରଣ୍ୟରେ ଏହି ସମ୍ପର୍କରେ କେତେକ ପ୍ରୟୋଗ କରିଥିଲେ ।

ଚାରିପାଞ୍ଚଟି ଗ୍ରାମର ଲୋକମାନଙ୍କୁ ଜଙ୍ଗଲ ମଧ୍ୟରେ କେତୋଟି ନିର୍ଦ୍ଦିଷ୍ଟ ପ୍ରଜାତିର କେତେକସଂଖ୍ୟକ ନୂଆ ଗଛ ଉଠିଛି ତାହାର ଗଣନା କରିବା ପାଇଁ କହିଥିଲେ । ଡକ୍ଟର ରାୟ ନମୂନା ସଂଗ୍ରହ ପାଇଁ ଅଞ୍ଚଳ ଚିହ୍ନଟ କରିବା ସହ ନୂଆ ଭାବେ ଉଠିଥିବା ଗଛର ସଂଖ୍ୟାକୁ ଗଣନା କରି, ନୂତନଭାବେ ସୃଷ୍ଟି ହୋଇଥିବା ଗଛର ମୂଲ୍ୟାୟନ ସ୍ଥିର କରିଥିଲେ । ଜଙ୍ଗଲସମ୍ପଦର ପରିଚାଳନା ପାଇଁ ଜାତୀୟ ଗ୍ରାମ୍ୟ ରୋଜଗାର ଯୋଜନା, ଜଳଛାୟା ପ୍ରକଳ୍ପ, ଆଦିବାସୀ କଲ୍ୟାଣ ବିଭାଗ ଇତ୍ୟାଦିର ମଧ୍ୟ ସହାୟତା ନିଆଯାଇ ପାରେ ।

***ତାଲିମ***

ଜଙ୍ଗଲ ଅଧିକାର ଆଇନ ଧାରା ୩(୧) ଏବଂ ୫ରେ ଜଙ୍ଗଲ ସମ୍ପଦର ସଂରକ୍ଷଣ ଓ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସବୁ ରହିଛି । ଏହାର ଗୁରୁତ୍ୱ ସମ୍ପର୍କରେ ଏବଂ ସଂରକ୍ଷିତ ଅଞ୍ଚଳ ଓ ଗୋଷ୍ଠୀ ସଂରକ୍ଷିତ ଅଞ୍ଚଳରେ ଗ୍ରାମବାସୀଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି । ସରକାରୀ କର୍ମଚାରୀ ଓ ଏନ୍‌ଜିଓ ଯେଉଁମାନେ ଜଙ୍ଗଲ ଆଇନକୁ କାର୍ଯ୍ୟକାରୀ କରିବା ସହ ସମ୍ପର୍କିତ ସେମାନଙ୍କୁ ଧାରା ୩(୧) ଏବଂ ୫ରେ ରହିଥିବା ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଜଣାଇବା ପାଇଁ ତାଲିମ ଶିବିରର ଆବଶ୍ୟକତା ରହିଛି ।

ଏହି ତାଲିକା ସମୟରେ ପାରମ୍ପରିକ ଜ୍ଞାନ ସହ ସେ ସମ୍ପର୍କିତ ଅନ୍ୟାନ୍ୟ ବିଷୟରେ ମଧ୍ୟ ତାଲିମ ଶିବିରରେ ଚର୍ଚ୍ଚାହେବା ଆବଶ୍ୟକ । ଧାରା (୫)କୁ କାର୍ଯ୍ୟକାରୀ କରାଇବା ପାଇଁ ଗ୍ରାମବାସୀଙ୍କୁ ବାହ୍ୟ ସହଯୋଗର ଆବଶ୍ୟକତା ରହିଛି । ସେହିପରି କୌଣସି

ଯାଜନା ଯେଉଁଠି ସ୍ଥାନ ଅଧିବାସୀ କରୁନାହାନ୍ତି, ସେମାନଙ୍କ ମଧ୍ୟରେ ଜଙ୍ଗଲ ସମ୍ପଦର ଅଧିକାର ପାଇଁ ସଚେତନତା କରିବାର ଆବଶ୍ୟକତା ରହିଛି । ପାରମ୍ପରିକ ଜ୍ଞାନ ଓ ବର୍ତ୍ତମାନର ପରିବେଶ ସମ୍ପର୍କରେ ରହିଥିବା ଧାରଣା ଆଧାରରେ ଜଙ୍ଗଲ ସମ୍ପଦର ସୁପରିଚାଳନା ପାଇଁ କୌଶଳ ନିର୍ଦ୍ଧାରଣ କରାଯାଇପାରିବ ।

ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜଙ୍ଗଲ ସମ୍ପଦ ଉପରେ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଅଧିକାର ପ୍ରଦାନ ପରବର୍ତ୍ତୀ ସ୍ଥିତି କ'ଣ ହେବ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ନୁହେଁ । କେତେକ ଅଞ୍ଚଳରେ ଜଙ୍ଗଲ ଅଧିବାସୀ ଦାବୀକୁ ସ୍ୱୀକାର କରିଯିବା ସହ ସର୍ତ୍ତମୂଳକ ଅଧିକାର ପ୍ରଦାନ କରାଯାଇଛି । ବସୁନ୍ଧରା ଏନ୍‌ଜିଓ ଏହିପରି ଏକ ଘଟଣା ସମ୍ପର୍କରେ ଉଲ୍ଲେଖ କରିଥିଲେ । ମେନ୍ଧାଲେଖା ଗ୍ରାମର ଗଣ୍ଡ ସମ୍ପ୍ରଦାୟକୁ ସାମୂହିକ ସମ୍ପଦ ଅଧିକାର ପ୍ରଦାନ କରାଯାଇଛି । ସେମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କଲେ ମାତ୍ର ଜଙ୍ଗଲ ବିଭାଗ ତାକୁ ଟ୍ରାନ୍‌ଜିଟ୍ ପାଶ୍ ହେବାପାଇଁ ମନା କରିଦେଲେ । ଏହି ସମସ୍ୟାର ସମାଧାନ କିପରି କରାଯିବ ? ଗୋଷ୍ଠୀ ଦ୍ୱାରା ଅଧିକାର ଜଙ୍ଗଲର ଆଇନଗତ ସ୍ଥିତି କ'ଣ ? ଦ୍ୱୈତ ଅଧିକାର ରହିବ କି ? ଦୋଷୀମାନଙ୍କୁ ଦଣ୍ଡ ଦେବାର କ୍ଷମତା ଗ୍ରାମସଭାର ରହିବ କି ଜଙ୍ଗଲ ବିଭାଗର ରହିବ ? ଉଭୟଙ୍କ ମଧ୍ୟରେ କିପ୍ରକାର ସହଯୋଗ ଓ ସମ୍ପର୍କ ରହିବ ?

ଜଙ୍ଗଲ ଅଧିକାର ଆଇନକୁ ଆଂଶିକ ଭାବରେ କାର୍ଯ୍ୟ ନକରି ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହେବାର ଆବଶ୍ୟକତା ରହିଛି । ଏହା ସହ ଜଙ୍ଗଲ ସମ୍ପଦ ଉପରେ ଅଧିକାର ପାଇବାର ପରବର୍ତ୍ତୀ ସମୟ ପାଇଁ ଭବିଷ୍ୟତ ଯୋଜନାର ଆବଶ୍ୟକତା ରହିଛି । ସଂରକ୍ଷିତ ଅଞ୍ଚଳ ତଥା ଗୋଷ୍ଠୀ ଜଙ୍ଗଲର ଯୁଗ୍ମ ପରିଚାଳନା ସମ୍ବନ୍ଧରେ ମଧ ବିଚାର କରାଯିବା ଉଚିତ । ଏ କ୍ଷେତ୍ରରେ ବାହ୍ୟ ସଂସ୍ଥା ସହଯୋଗୀ ଭୂମିକା ଗ୍ରହଣ କରିବା ଏବଂ ସ୍ଥାନୀୟ ଅଧିବାସୀମାନଙ୍କର ମାଲିକାନା ଏବଂ ନିର୍ଣ୍ଣୟ ନେବାର କ୍ଷମତା ରହିବ । ଘାସପଡ଼ିଆ, ନଦୀ ଓ ନଦୀର ଅବବାହିକା ଅଞ୍ଚଳ ଭଳି ପ୍ରାକୃତିକ ଅଞ୍ଚଳର ସଂରକ୍ଷଣ ଓ ପରିଚାଳନା ଦିଗରେ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ।

## 'ସମଦୃଷ୍ଟି ମୁକ୍ତ ବିଦ୍ୟାଳୟ'ର ଅନ୍ୟାନ୍ୟ ପ୍ରକାଶନ

- 'ମୁକ୍ତିପାଇଁ ଶିକ୍ଷା'
- 'ଆମ ଗତି କୁଆଡ଼େ'
- 'ଖବର କିପରି ସୃଷ୍ଟି କରାଯାଏ'
- 'ସମ୍ବାଦ ପତ୍ରର ଇତିବୃତ୍ତି'
- 'ମୁକ୍ତିପାଇଁ ଶିକ୍ଷା'

Printed at Siksha Prakashani,ND-7, VIP Area,
IRC Village Bhubaneswar - 751015